# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**18 July – 2025**

**News Editor : Itishree Singh Rathaur**

***********************************

## ମୁଖ୍ୟ ସମ୍ବାଦ

- ଆସନ୍ତା ସୋମବାରଠାରୁ ଆରମ୍ଭ ହେବ ସଂସଦର ମୌସୁମୀ ଅଧିବେଶନ; ରବିବାର ବସିବ ସର୍ବଦଳୀୟ ବୈଠକ

- ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀ ମୃତ୍ୟୁ ଘଟଣାର ଯାଞ୍ଚ କରୁଛନ୍ତି ୟୁଜିସି ଦଳ;

— ରାଜ୍ୟର ଶିକ୍ଷାନୁଷ୍ଠାନଗୁଡ଼ିକରେ ପୋସ୍ ଅଧିନିୟମକୁ ନେଇ ସଚେତନତା କର୍ମଶାଳା ଆୟୋଜନ ପାଇଁ ଗଣଶିକ୍ଷା ବିଭାଗର ନିର୍ଦ୍ଦେଶ

- ନୂଆପଡା ଜିଲ୍ଲାରେ ୧୩୪ କୋଟି ଟଙ୍କା ମୂଲ୍ୟର ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କଲେ ପାନୀୟ ଜଳ ବିଭାଗ ମନ୍ତ୍ରୀ

ଏବଂ

- ପ୍ରଶାସନିକ ଅଧିକାରୀଙ୍କୁ ସ୍ୱଚ୍ଛତା, ସମୟାନୁବର୍ତ୍ତିତା ଏବଂ ନାଗରିକ କୈନ୍ଦ୍ରୀକ ହେବା ପାଇଁ ଅଭ୍ୟାସ ସମ୍ପର୍କିତ ଜାତୀୟ ସମ୍ମିଳନୀରେ ବିଶେଷଜ୍ଞଙ୍କ ପରାମର୍ଶ

## ସର୍ବଦଳୀୟ ବୈଠକ

ସଂସଦର ମୌସୁମୀ ଅଧିବେଶନ ଆସନ୍ତା ୨୧ ତାରିଖରେ ଆରମ୍ଭ ହେବ। ଏହାପୂର୍ବରୁ ଆସନ୍ତା ୨୦ ତାରିଖ ରବିବାର ଦିନ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ଅଧ୍ୟକ୍ଷତାରେ ଏକ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହେବ। ଅଧିବେଶନକୁ ସୁଚାରୁରୂପେ ଚଳାଇବା ପାଇଁ ଏହି ବୈଠକ ଡକାଯାଇଛି। ସର୍ବଦଳୀୟ ବୈଠକରେ ଉଭୟ ସଦନର ପ୍ରମୁଖ ନେତାମାନଙ୍କୁ ଆମନ୍ତ୍ରଣ କରାଯାଇଛି।

## ନିର୍ଯାତନା ବିରୋଧୀ ଆଇନ୍

ବାଲେଶ୍ୱର ଫକୀରମୋହନ କଲେଜ ଛାତ୍ରୀ ମୃତ୍ୟୁ ଘଟଣାର ତଦନ୍ତ ପାଇଁ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ-ୟୁଜିସିର ଦଳ କଲେଜ ପରିସରରେ ପହଞ୍ଚି ମାମଲାର ଯାଞ୍ଚ ଆରମ୍ଭ କରିଛନ୍ତି। ୟୁଜିସିର ୪ ଜଣିଆ ଅନୁସନ୍ଧାନକାରୀ ଦଳ ମହାବିଦ୍ୟାଳୟର କର୍ମଚାରୀ ଏବଂ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରିଛନ୍ତି। ପ୍ରଫେସର ରାଜକୁମାର ମିତ୍ତଲଙ୍କ ଅଧ୍ୟକ୍ଷତାରେ ଗଠିତ ଦଳରେ ପ୍ରଫେସର ସୁଷମା ଯାଦବ, ଡକ୍ଟର ନୀରୋଜା ଗୁପ୍ତା ଏବଂ ୟୁଜିସିର ଯୁଗ୍ମ ସଚିବ ଡକ୍ଟର ଅସୀମା ମଙ୍ଗଲା ରହିଛନ୍ତି। ୟୁଜିସି ଦଳ ଘଟଣାର ପାରିପାର୍ଶ୍ୱିକ ସ୍ଥିତି ଯାଞ୍ଚ କରୁଛନ୍ତି। ଆସନ୍ତା ୭ ଦିନ ମଧ୍ୟରେ ଅନୁସନ୍ଧାନକାରୀ ଦଳ ୟୁଜିସିକୁ ରିପୋର୍ଟ ଦେବ ବୋଲି ଜଣାପଡିଛି। ସେହିଭଳି ଆଇଜି ଏସ୍. ସାଇନୀଙ୍କ ନେତୃତ୍ୱରେ କ୍ରାଇମ୍‌ବ୍ରାଞ୍ଚ ଟିମ୍ ଘଟଣାର ତଦନ୍ତ କରୁଛି।

## ପୋସ୍ ଆକ୍ଟ

ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ ପରିସରରେ ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ସହାୟତା ନମ୍ବର ୧-୮-୧ ଉଲ୍ଲେଖ କରିବା ଏବଂ ପୋସ୍ ନିୟମ ୨୦୧୩ ସମ୍ବନ୍ଧରେ ସଚେତନତା କର୍ମଶାଳା ଆୟୋଜନ ପାଇଁ ସମସ୍ତ ଅଧ୍ୟକ୍ଷମାନଙ୍କୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଚିଠି ମାଧ୍ୟମରେ ଅବଗତ କରାଯାଇଛି। କର୍ମକ୍ଷେତ୍ରରେ ମହିଳାଙ୍କ ଯୌନ ଉତ୍ପୀଡନ ଅଧିନିୟମକୁ କଡାକଡି ଭାବେ ପାଳନ କରିବା ପାଇଁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଶୁଣନ୍ତୁ ଏ ସମ୍ପର୍କରେ ଏକ ରିପୋର୍ଟ....

*ବାଲେଶ୍ୱର ଏଫ୍‌ଏମ୍ କଲେଜ୍ ଛାତ୍ରୀ ମୃତ୍ୟୁ ଘଟଣା ପରେ ରାଜ୍ୟ ସରକାର ଶିକ୍ଷାନୁଷ୍ଠାନରେ ଅଥବା କର୍ମକ୍ଷେତ୍ରରେ ମହିଳାଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ କଡା ପଦକ୍ଷେପ ଗ୍ରହଣ କରିଛନ୍ତି। ଏହି କ୍ରମରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷମାନଙ୍କୁ ଶିକ୍ଷାନୁଷ୍ଠାନଗୁଡ଼ିକରେ ପୋସ୍ ଅଧିନିୟମ ୨୦୧୩କୁ କଡାକଡି ଭାବେ ପାଳନ କରିବା ତଥା ଏ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରେ କର୍ମଶାଳାର ଆୟୋଜନ ପାଇଁ ଅଧ୍ୟକ୍ଷମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କର୍ମଶାଳାରେ ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ, ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ସଦସ୍ୟମାନେ ଉପସ୍ଥିତ ରହି ନିୟମାବଳୀର କଡାକଡି ପାଳନ ପାଇଁ ଶପଥ ଗ୍ରହଣ କରିବାକୁ କୁହାଯାଇଛି।*

*କର୍ମଶାଳା ଆୟୋଜନର ସବିଶେଷ ବିବରଣୀ ଆସନ୍ତା ୩ ଦିନ ମଧ୍ୟରେ ଉଚ୍ଚଶିକ୍ଷା ବିଭାଗକୁ ପ୍ରଦାନ କରିବା ନିମନ୍ତେ ଚିଠିରେ ଉଲ୍ଲେଖ ରହିଛି। ତେବେ ମହିଳାମାନେ ନିର୍ଯାତନାରୁ ବର୍ତ୍ତିବାକୁ ହେଲେ କିଭଳି ଭାବେ ଆଗୁଆ ସତର୍କତା ଅବଲମ୍ବନ କରିପାରିବେ ଏବଂ ଏ ଦିଗରେ କ'ଣ ରହିଛି ଆଇନ୍ ସେ ସମ୍ପର୍କରେ ଆକାଶବାଣୀକୁ ସାମାଜିକ କର୍ମୀ* ***ଅନୁରାଧା ମହାନ୍ତି*** *କହିଛନ୍ତି.....*

**- V/O -**

କର୍ମକ୍ଷେତ୍ରରେ ମହିଳାମାନଙ୍କୁ ସ୍ୱାଧୀନତା, ସୁରକ୍ଷା ଏବଂ ସହଯୋଗ ବର୍ତ୍ତମାନ ସମୟରେ ଆହ୍ୱାନ ସହ ଜରୁରୀ ହୋଇପଡିଛି ବୋଲି ବିଭିନ୍ନ ମହଲରୁ ମତ ପ୍ରକାଶ ପାଇଛି।

## ଜଳ ପ୍ରମାଣ ପତ୍ର

**ନୂଆପଡ଼ା** ଜିଲ୍ଲାରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାୟକ ୧୩୪ କୋଟି ଟଙ୍କା ବ୍ୟୟ ଅଟକଳରେ ୩୬୦ଟି ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିଛନ୍ତି। ମନ୍ତ୍ରୀ 'ବିକଶିତ ଗାଁ-ବିକଶିତ ଓଡ଼ିଶା' ଅଧୀନରେ ୧୩ କୋଟି ୯୯ ଲକ୍ଷ ୨୩ ହଜାର ଟଙ୍କା ବ୍ୟୟ ଅଟକଳରେ ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ୪ଟି ବ୍ଲକ୍‌ର ୨୨୧ଟି ଗ୍ରାମକୁ ହର ଘର ଜଳ ଗ୍ରାମ ଭାବେ ଘୋଷଣା କରାଯାଇଛି। ଶ୍ରୀ ନାୟକ କହିଛନ୍ତି, ହରଘର ଜଳ ମାନ୍ୟତା ପାଇଥିବା ଗ୍ରାମୀଣ ଅଂଚଳରେ ପ୍ରତ୍ୟେକ ଘରକୁ ସ୍ୱଚ୍ଛ ଓ ନିରାପଦ ପାନୀୟ ଜଳ ଉପଲବ୍ଧ କରାଯିବ। ଏହା

ଜନସାଧାରଣଙ୍କ ସ୍ୱାସ୍ଥ୍ୟ ଓ ଜୀବନଧାରଣ ମାନ ବୃଦ୍ଧି କରିବାରେ ସହାୟକ ହେବ ବୋଲି ମନ୍ତ୍ରୀ କହିଛନ୍ତି।

ଏହି ଅବସରରେ ମନ୍ତ୍ରୀ ଶ୍ରୀ ନାୟକ ସର୍କିଟ ହାଉସ୍‌ଠାରେ ପାନୀୟ ଜଳ ଯୋଗାଣ ବିଭାଗର ସମୀକ୍ଷା ବୈଠକରେ ମଧ୍ୟ ଯୋଗଦେଇଥିଲେ।

## ଉତ୍ତମ ପ୍ରଶାସନିକ ଅଭ୍ୟାସ

ଭୁବନେଶ୍ୱରରେ 'ଉତ୍ତମ ପ୍ରଶାସନିକ ଅଭ୍ୟାସ' ସମ୍ପର୍କିତ ଜାତୀୟ ସମ୍ମିଳନୀ ଆଜି ଉଦ୍‌ଯାପିତ ହୋଇଛି। ସମ୍ମିଳନୀର ଆଜି ଦ୍ୱିତୀୟ ଦିନରେ ଦେଶର ବିଭିନ୍ନ ରାଜ୍ୟରେ ସଫଳ ଯୋଜନାଗୁଡ଼ିକ ସମ୍ପର୍କରେ ଆଲୋଚନା କରାଯାଇଛି। କାର୍ଯ୍ୟକ୍ରମରେ ନାଗରିକ କୈନ୍ଦ୍ରୀକ ବିଭିନ୍ନ ପ୍ରସଙ୍ଗ ଓ ଯୋଜନା ସମ୍ପର୍କରେ ଉପସ୍ଥିତ ପ୍ରତିନିଧିମାନେ ଆଲୋଚନା କରିଛନ୍ତି। ଡିଜିଟାଲ ଉପକରଣର ବ୍ୟବହାର ଏବଂ ଏହା ମାଧ୍ୟମରେ ସୁଶାସନ ଓ ସରକାରଙ୍କ ବିଭିନ୍ନ ଯୋଜନାର ସଫଳ ରୂପାୟନ କରିବାରେ ପ୍ରଶାସନିକ ଅଧିକାରୀମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ ବୋଲି ସମ୍ମିଳନୀରେ ଆଲୋଚନା କରାଯାଇଛି। ୨୦୪୭ ମସିହା ପୂର୍ବରୁ ବିକଶିତ ଭାରତ ଏବଂ ୨୦୩୬ ମସିହା ପୂର୍ବରୁ ବିକଶିତ ଓଡ଼ିଶାର ଲକ୍ଷ୍ୟ ପୂରଣ ଦିଗରେ ପ୍ରଶାସନିକ ଅଧିକାରୀମାନଙ୍କୁ କାର୍ଯ୍ୟ କରିବା ପାଇଁ ପ୍ରତିନିଧିମାନେ ଗୁରୁତ୍ୱାରୋପ କରିଥିଲେ। ପ୍ରତ୍ୟେକ ପ୍ରଶାସନିକ ଅଧିକାରୀଙ୍କୁ କର୍ମକ୍ଷେତ୍ରରେ ସ୍ୱଚ୍ଛତା, ସମୟାନୁବର୍ତ୍ତିତା ଏବଂ ନାଗରିକ କୈନ୍ଦ୍ରୀକ ହୋଇ କାର୍ଯ୍ୟ କରିବା ପାଇଁ ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି।

## ଷ୍ଟାର୍ଟଅପ୍ ସଂଗମ

**ଯାଜପୁର**ର ଗୌତମ ବୁଦ୍ଧ ସଂସ୍କୃତି ଭବନ ପରିସରରେ ପୂର୍ବୋଦୟ ଷ୍ଟାର୍ଟଅପ୍ ସଂଗମ କାର୍ଯ୍ୟକ୍ରମକୁ ରାଜ୍ୟ ବୟନଶିଳ୍ପ **ମନ୍ତ୍ରୀ ପ୍ରଦୀପ ବଳସାମନ୍ତ** ଉଦ୍‌ଘାଟନ କରିଛନ୍ତି। ମନ୍ତ୍ରୀ ଶ୍ରୀ ବଳସାମନ୍ତ କହିଛନ୍ତି, ରାଜ୍ୟ ସରକାର ଯୁବପିଢ଼ିଙ୍କ ଦକ୍ଷତା ବିକାଶ ଉପରେ ବିଶେଷ ଧ୍ୟାନ ଦେଉଛନ୍ତି। ଯୁବକମାନଙ୍କୁ ସ୍ୱାବଲମ୍ବୀ କରିବା ସହ ସେମାନେ କିଭଳି ଭାବେ ନିଯୁକ୍ତି ସୃଷ୍ଟି କରିପାରିବେ ସେ ଦିଗରେ ପଦକ୍ଷେପ ନିଆଯାଉଛି।

**- V/O -**

ଏହି ଅବସରରେ ଶିଳ୍ପମନ୍ତ୍ରୀ **ସମ୍ପଦ ଚରଣ ସ୍ୱାଇଁ** ଯୋଗଦେଇ କହିଛନ୍ତି ଷ୍ଟାର୍ଟଅପ୍‌ଗୁଡ଼ିକୁ ପ୍ରୋତ୍ସାହିତ କରିବା ପାଇଁ ରାଜ୍ୟ ସରକାର ବିଭିନ୍ନ ଯୋଜନା ଆରମ୍ଭ କରିଛନ୍ତି। ପୂର୍ବୋଦୟ ଷ୍ଟାର୍ଟଅପ୍ ସଂଗମ କାର୍ଯ୍ୟକମ ମଧ୍ୟ ଏ ଦିଗରେ ଯୁବବର୍ଗଙ୍କୁ ପ୍ରେତ୍ସାହିତ କରିବାରେ ସହାୟକ ହେଉଛି।

ଏମ୍‌ଏସ୍‌ଏମ୍‌ଇ ବିଭାଗର ଅତିରିକ୍ତ ସଚିବ ହେମନ୍ତ ଶର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଛନ୍ତି।

## ଗୋଶାଳା ପରିଦର୍ଶନ

ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଆଜି ପୁରୀ ଗୋବର୍ଦ୍ଧନ ପୀଠ, ଶଙ୍କରାଚାର୍ଯ୍ୟ ମଠ ଅନ୍ତର୍ଗତ ଚନ୍ଦନପୁରସ୍ଥିତ ପଞ୍ଚବଟୀ ଗୋଶାଳା ପରିଦର୍ଶନ କରିଛନ୍ତି। ଶ୍ରୀ ସିଂହଦେଓ ଗୋଶାଳାଠାରେ ବିଦ୍ୟୁତ୍ ଉନ୍ନତୀକରଣ କାର୍ଯ୍ୟର ଲୋକାର୍ପଣ କରିଥିଲେ।

## ସପ୍ତମ ଅଧିବେଶନ ବୈଠକ

**ଗଞ୍ଜାମ** ଜିଲ୍ଲା ପରିଷଦର ସପ୍ତମ ଅଧିବେଶନ ବୈଠକ ଋଷିକୂଲ୍ୟା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ମତ୍ସ୍ୟ ଓ ପ୍ରାଣୀସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ବୈଠକରେ ଯୋଗଦେଇ ସମସ୍ତ ବିଭାଗ ସହ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି । ଏହାସହ ନିର୍ଦ୍ଧାରିତ ସମୟ ମଧ୍ୟରେ ଉନ୍ନୟନମୂଳକ ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

## କର୍ମଶାଳା

**ଗଞ୍ଜାମ** ଜିଲ୍ଲା ବ୍ରହ୍ମପୁରସ୍ଥିତ ମହାମାୟୀ ମହିଳା ମହାବିଦ୍ୟାଳୟରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ପକ୍ଷରୁ ଛାତ୍ରୀମାନଙ୍କ ପାଇଁ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଅନ୍ତର୍ଜାତୀୟ ମାନବ ଅଧିକାର କମିଶନ ପୂର୍ବାଞ୍ଚଳ ଭାରତ ଅଧ୍ୟକ୍ଷା ରଶ୍ମିତା ପାଣିଗ୍ରାହୀ ଛାତ୍ରୀମାନଙ୍କୁ ବିଭିନ୍ନ ପ୍ରତିକୂଳ ସମସ୍ୟାର ସାମ୍ନା କରିବା ସମ୍ପର୍କରେ ସଚେତନ କରିଥିଲେ । ମହାବିଦ୍ୟାଳୟ ପରିସରରେ ଆଭ୍ୟନ୍ତରୀଣ ସମସ୍ୟା ଏବଂ ଯୌନ ଉତ୍ପୀଡନ ଅଧିନିୟମ ସମ୍ପର୍କରେ ଛାତ୍ରୀମାନଙ୍କୁ ବିଭିନ୍ନ ଉପଦେଶ ଦିଆଯାଇଥିଲା ।

## ଜିଲ୍ଲା ପରିଷଦ ବୈଠକ

**ବୌଦ୍ଧ** ଜିଲ୍ଲା ପରିଷଦ ବୈଠକ ଅଧ୍ୟକ୍ଷା ପ୍ରଭାସିନୀ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ବିଧାୟକ ସରୋଜ କୁମାର ପ୍ରଧାନ ଯୋଗଦେଇ ଜିଲ୍ଲାରେ ଜାରି ରହିଥିବା ବିଭିନ୍ନ ନିର୍ମାଣାଧୀନ ପ୍ରକଳ୍ପଗୁଡ଼ିକର ଶୀଘ୍ର ସମ୍ପୂର୍ଣ୍ଣ କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ପଞ୍ଚାୟତିରାଜ ବିଭାଗ, ଅର୍ଥକମିଶନର ଅନୁଦାନ ପ୍ରକଳ୍ପ,

ଗ୍ରାମପଞ୍ଚାୟତ ଉନ୍ନୟନ ଯୋଜନା ସମେତ ବିଭିନ୍ନ ବିଭାଗର କାର୍ଯ୍ୟକାରିତାକୁ ନେଇ ବୈଠକରେ ସମୀକ୍ଷା କରାଯାଇଥିଲା ।

## ସାହାଣୀ କପ୍

ବରିଷ୍ଠ ପୁରୁଷ ଫୁଟ୍‌ବଲ୍ ପ୍ରତିଯୋଗିତା ସାହାଣୀ କପ୍‌ରେ ବ୍ରହ୍ମପୁର ଜୋନ୍‌ରେ ଆଜି ତୃତୀୟ ଦିନରେ ୨ଟି ମ୍ୟାଚ୍ ଖେଳାଯାଇଛି । ପ୍ରଥମ ମ୍ୟାଚ୍‌ରେ ନବରଙ୍ଗପୁର, ଗଜପତିକୁ ପରାସ୍ତ କରିଛି । ସେହିଭଳି ଦ୍ୱିତୀୟ ମ୍ୟାଚ୍‌ରେ ଭୁବନେଶ୍ୱର ୦/୧ ଗୋଲ୍‌ରେ ଗଞ୍ଜାମଠାରୁ ବିଜୟ ଲାଭ କରିଛି ।

# ପାଣିପାଗ

ଲଘୁଚାପର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗିରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଆସନ୍ତା ୨୪ଘଣ୍ଟା ମଧ୍ୟରେ ବିଜୁଳି ଘଡଘଡ଼ି ସହ ବର୍ଷା ହେବା ନେଇ ୨୨ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ଏହି ସମୟ ମଧ୍ୟରେ ଘଣ୍ଟାପ୍ରତି ୩୦ରୁ ୪୦ କିଲୋମିଟର ବେଗରେ ପବନ ବହିବା ସହ ଆଭ୍ୟନ୍ତରୀଣ ଓ ଉପକୂଳ ଓଡ଼ିଶାର କେତେକ ସ୍ଥାନରେ ପ୍ରବଳ ବର୍ଷା ସମ୍ଭାବନା ରହିଛି ।

*********************************